# REGIONAL NEWS UNIT, AIR CUTTACK

## Mid-day Bulletin (2.32 PM)

### 31th August – 2026

*********************************

## ମୁଖ୍ୟ ସମ୍ବାଦ

- ସହରାଞ୍ଚଳ ବିକାଶକୁ ତ୍ୱରାନ୍ୱିତ କରିବା ପାଇଁ ନାଗରିକଙ୍କୁ ଉନ୍ନତ ପୌରସେବା ପ୍ରଦାନ ଉପରେ ଗୁରୁତ୍ୱ ଦେଉଛନ୍ତି ସରକାର; କହିଲେ ମୁଖ୍ୟମନ୍ତ୍ରୀ
- ପଞ୍ଚାୟତ ଓ ପୌର ନିର୍ବାଚନକୁ ତ୍ରୁଟି ଶୂନ୍ୟ କରିବା ଲାଗି ଆସନ୍ତା ଅକ୍ଟୋବର ୨୬ ରୁ ଆରମ୍ଭ ହେବ ରାଜ୍ୟବ୍ୟାପୀ ସର୍ଭେକ୍ଷଣ
- ପୁରୀ ଶ୍ରୀମନ୍ଦିରରେ ପୁଣିଥରେ ଆରମ୍ଭ ହେଲା ରତ୍ନଭଣ୍ଡାର ଗଣତି ମଣତି
- କଟକ ବାରବାଟୀ ଷ୍ଟାଡିୟମରେ ଆସନ୍ତା ୨୦ ତାରିଖରୁ ଆରମ୍ଭ ହେବ ଓଡ଼ିଶା ଟି-ଟ୍ୱେଣ୍ଟି କ୍ରିକେଟ ଲିଗ୍

ଏବଂ

- ଲଘୁଚାପ ପ୍ରଭାବରେ ବାଲେଶ୍ୱର, କେନ୍ଦୁଝର, ମୟୂରଭଞ୍ଜ ଓ ବରଗଡ଼ ଜିଲ୍ଲାରେ ଅତିପ୍ରବଳ ବର୍ଷା ସମ୍ଭାବନା

Dcêc BBSR/RNuapada/BHK/Balangir/S.pur/N.rangpur/Desk

# ସ୍ୱାୟତ୍ତ ଶାସନ ଦିବସ

ସ୍ୱାୟତ୍ତ ଶାସନ ବ୍ୟବସ୍ଥାରେ ଜନସାଧାରଣଙ୍କ ସମସ୍ୟାଗୁଡ଼ିକର ସମାଧାନ ଦିଗରେ ଜନସାଧାରଣଙ୍କୁ କ୍ଷମତା ପ୍ରଦାନ କରିବା ନେଇ ଆଜି ସ୍ୱାୟତ୍ତ ଶାସନ ଦିବସ ପାଳନ କରାଯାଉଛି । ୧୯୯୨ ମସିହାରେ ପଞ୍ଚାୟତିରାଜ ବ୍ୟବସ୍ଥା ଦ୍ୱାରା ସ୍ୱାୟତ୍ତ ଶାସନ ଆରମ୍ଭ ହୋଇଥିଲା । ସ୍ୱାୟତ୍ତ ଶାସନ ଦିବସ ଅବସରରେ ରାଜ୍ୟର ବିଭିନ୍ନ ପୌରାଞ୍ଚଳରେ ଲୋକମାନଙ୍କର କ୍ଷମତା ଓ ଅଧିକାର ସମ୍ପନ୍ଧରେ ସଚେତନ କରାଇବା ନେଇ କାର୍ଯ୍ୟକ୍ରମମାନ ଆୟୋଜନ କରାଯାଉଛି ।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଭୁବନେଶ୍ୱର ଓୟୁଏଟିସ୍ଥିତ କୃଷି ଶିକ୍ଷା ସଦନଠାରେ ରାଜ୍ୟସ୍ତରୀୟ ସମାରୋହରେ ଯୋଗଦେଇ କହିଛନ୍ତି, ସହରାଞ୍ଚଳର ବିକାଶକୁ ଆହୁରି ତ୍ୱରାନ୍ୱିତ କରିବା ସହ ନାଗରିକଙ୍କୁ ଉନ୍ନତ ଓ ସହଜ ପୌରସେବା ପ୍ରଦାନ ଉପରେ ସରକାର ଗୁରୁତ୍ୱ ଦେଉଛନ୍ତି । ସହରଗୁଡ଼ିକର ଜୀବନଧାରଣ ମାନ ଉନ୍ନତ କରିବା ପାଇଁ ଭିତ୍ତିଭୂମି ବିକାଶ ଓ ଶିଳ୍ପ ପ୍ରତିଷ୍ଠାକୁ ତ୍ୱରାନ୍ୱିତ କରାଯାଉଛି । **- V/O**

-

ମୁଖ୍ୟମନ୍ତ୍ରୀ କହିଛନ୍ତି, ସୁଦୃଢ଼ ଓ ସଶକ୍ତ ସ୍ଥାନୀୟ ଶାସନ ବ୍ୟବସ୍ଥା ମାଧ୍ୟମରେ ଜନସାଧାରଣଙ୍କ ନିକଟରେ ଉତ୍ତମ ସେବା ପହଁଞ୍ଚାଇବା ସହ ସହରାଞ୍ଚଳର ସାମଗ୍ରୀକ ବିକାଶକୁ ଗତି ଦେବା ସରକାରଙ୍କ ପ୍ରମୁଖ ସଂକଳ୍ପ । ଏହି ଅବସରରେ ଶ୍ରୀ ମାଝୀ ବିଭିନ୍ନ ଉନ୍ନତିମୂଳକ ପ୍ରକଳ୍ପର

ଶିଳାନ୍ୟାସ ଓ ଲୋକାର୍ପଣ କରିଛନ୍ତି। ଏଥିସହିତ ଓଡ଼ିଆ ଯାତ୍ରୀ ସୁରକ୍ଷା ଆପ୍‌ର ଉଦ୍‌ଘାଟନ ଓ ମୁଖ୍ୟମନ୍ତ୍ରୀ ପ୍ରଧାନମନ୍ତ୍ରୀ ଆବାସ ବନ୍ଧୁ ଯୋଜନାର ମଧ୍ୟ ଶୁଭାରମ୍ଭ କରିଛନ୍ତି।

ରାଜ୍ୟର ବିଭିନ୍ନ ସ୍ଥାନରେ ଆଜି ସ୍ୱାୟତ୍ତ ଶାସନ ଦିବସ ପାଳନ କରାଯାଇଛି।

ସୁବର୍ଣ୍ଣପୁର ଜିଲ୍ଲାର ତରଭା ଓ ବିନିକା ବିଜ୍ଞପିତ ଅଞ୍ଚଳରେ ଆୟୋଜିତ କାର୍ଯ୍ୟକ୍ରମରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ସାଂସଦ ସଂଗୀତା କୁମାରୀ ସିଂହଦେଓ, ପ୍ରମୁଖ ଯୋଗ ଦେଇ ସରକାରଙ୍କ ପକ୍ଷରୁ ସହରାଞ୍ଚଳ ବିକାଶକୁ ନେଇ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନା ଉପରେ ଆଲୋକପାତ କରିଥିଲେ।

ନବରଙ୍ଗପୁର ଜିଲ୍ଲାରେ ଆଜି ଏହି ଅବସରରେ ମୁଖ୍ୟମନ୍ତ୍ରୀ ଆଭାସୀ ମାଧ୍ୟମରେ ପ୍ରାୟ ୨ କୋଟି ଟଙ୍କା ବ୍ୟୟ ଅଟକଳରେ ନିର୍ମିତ ପୌରପାଳିକାର ଓସ୍ୱାନ ହଲ୍, ଶିଶୁ ଉଦ୍ୟାନ ଏବଂ ୧୭ ନମ୍ବର ୱାର୍ଡର ପ୍ରତାପ ସାଗର ରୋଡର ଲୋକାର୍ପଣ କରିଛନ୍ତି। ସହରର ସାମଗ୍ରୀକ ବିକାଶ, ପରିମଳ ବ୍ୟବସ୍ଥାର ସୁଦୃଢ଼ୀକରଣ, ପାନୀୟଜଳ ଯୋଗାଣ, ରାସ୍ତାଘାଟ ଓ ଆଲୋକୀକରଣ ସମେତ ପ୍ରତ୍ୟେକ ନାଗରିକଙ୍କୁ ଉତ୍ତମ ପୌରସେବା ପ୍ରଦାନ କରିବା ଉପରେ କାର୍ଯ୍ୟକ୍ରମରେ ଗୁରୁତ୍ୱାରୋପ କରାଯାଇଥିଲା।

ବଲାଙ୍ଗୀର ଜିଲ୍ଲାରେ ଏହି ଦିବସ ଅବସରରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ ମୁଖ୍ୟ ଅତିଥିଭାବେ ଯୋଗଦେଇ ଗ୍ରାମକୁ ସ୍ୱଚ୍ଛ ରଖିବା ସଂଗେ ସଂଗେ ନିଜକୁ ସ୍ୱଚ୍ଛ ରଖିବା ଆବଶ୍ୟକ ବୋଲି ଜନସାଧାରଣଙ୍କୁ ପରାମର୍ଶ ଦେଇଥିଲେ।

ଭଦ୍ରକ ଜିଲ୍ଲା ସ୍ୱାୟତ୍ତ ଶାସନ ଦିବସ ଅବସରରେ ବିଧାୟକ ସୀତାଂଶୁ ଶେଖର ମହାପାତ୍ର ଯୋଗଦେଇ ୫୦୦ରୁ ଅଧିକ ହିତାଧିକାରୀଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର କାର୍ଯ୍ୟାଦେଶ ବଣ୍ଟନ କରିବା ସହ ସ୍ୱଚ୍ଛତା ପାଇଁ ପୌର କର୍ମଚାରୀ ଏବଂ ବହୁ ସ୍ୱେଚ୍ଛାସେବୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

ନୂଆପଡ଼ା ଜିଲ୍ଲା ଖଡ଼ିଆଳ ଅଗ୍ରେସନ ଧର୍ମଶାଳା ପରିସରରେ ଆଭାସୀ ଜରିଆରେ ରାଜ୍ୟସ୍ତରୀୟ ସ୍ୱାୟତ୍ତ ଶାସନ ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଭିଜନ-୨୦୩୬ ପାଇଁ ଯୋଜନା ସମସ୍ତଙ୍କ ସହଭାଗିତାରେ ବିକାଶ ପରିକଳ୍ପନା ହେବ ବୋଲି ଏନ୍.ଏ.ସି. ଅଧ୍ୟକ୍ଷ ଉଜ୍ଜ୍ୱଳ ଗୁପ୍ତା ପ୍ରକାଶ କରିଛନ୍ତି।

BBSR/R

## ଭୋଟର ତାଲିକା ସଂଶୋଧନ

ରାଜ୍ୟରେ ଆଗାମୀ ପଞ୍ଚାୟତ ଓ ପୌର ନିର୍ବାଚନକୁ ସ୍ୱଚ୍ଛ, ନିର୍ଭୁଲ ଓ ବ୍ୟବସ୍ଥିତ କରିବା ପାଇଁ ରାଜ୍ୟ ନିର୍ବାଚନ ଆୟୋଗଙ୍କ ପକ୍ଷରୁ ଭୋଟର ତାଲିକାରେ ଥିବା ତ୍ରୁଟିକୁ ସଂଶୋଧନ ଲକ୍ଷ୍ୟରେ ବିଶେଷ ପାଇଲଟ ସର୍ଭେ ଅଭିଯାନ ଆସନ୍ତା ୩ ତାରିଖରୁ ଭୁବନେଶ୍ୱର ମହାନଗର ନିଗମ– ବିଏମ୍‌ସି'ରେ ଆରମ୍ଭ ହେବ। ବିଏମ୍‌ସି ଅଧୀନରେ ଥିବା ତିନୋଟି

ବିଧାନସଭା କ୍ଷେତ୍ରରେ ଆସନ୍ତା ୧୧ ତାରିଖ ପର୍ଯ୍ୟନ୍ତ ବୁଥ୍‌ସ୍ତରୀୟ ଅଧିକାରୀ– ବିଏଲ୍‌ଓ'ମାନେ ଘରକୁ ଘର ଯାଇ ସର୍ଭେ କରିବେ। ତେବେ ଆସନ୍ତା ଅକ୍ଟୋବର ମାସ ୨୬ ତାରିଖରୁ ନଭେମ୍ବର ମାସ ୭ ତାରିଖ ପର୍ଯ୍ୟନ୍ତ ରାଜ୍ୟବ୍ୟାପୀ ଏହି ସର୍ଭେ କାର୍ଯ୍ୟକୁ ଆରମ୍ଭ କରାଯିବ। ସର୍ଭେ କାର୍ଯ୍ୟରେ ନିୟୋଜିତ ଅଧିକାରୀ ଓ କର୍ମଚାରୀଙ୍କୁ ସଠିକ୍ ତଥ୍ୟ ପ୍ରଦାନ କରି ପୂର୍ଣ୍ଣ ସହଯୋଗ କରିବାକୁ ନିର୍ବାଚନ କମିଶନଙ୍କ କାର୍ଯ୍ୟାଳୟ ପକ୍ଷରୁ ଅନୁରୋଧ କରାଯାଇଛି।

Desk

## 'ସମ୍ବନ୍ଧ'ର ଶୁଭାରମ୍ଭ

ରାଜ୍ୟରେ ସମବାୟ କ୍ଷେତ୍ରର ସମ୍ପ୍ରସାରଣ ଲକ୍ଷ୍ୟ ନେଇ  ଆସନ୍ତାକାଲି ମେଗା ସଦସ୍ୟତା ଅଭିଯାନ 'ସମ୍ବନ୍ଧ'ର ଶୁଭାରମ୍ଭକୁ ଅନିବାର୍ଯ୍ୟ କାରଣବଶତଃ ସ୍ଥଗିତ ରଖାଯାଇଛି।  ପରବର୍ତ୍ତୀ ସମୟରେ ଏହି ସଦସ୍ୟତା ଅଭିଯାନ ଆରମ୍ଭ ହେବା ସହ ଏକାଧିକ ଜନକଲ୍ୟାଣକାରୀ କାର୍ଯ୍ୟକ୍ରମର ଲୋକାର୍ପଣ ଉତ୍ସବ ଅନୁଷ୍ଠିତ ହେବ।

Puri

# ରତ୍ନଭଣ୍ଡାର ଗଣତିମଣତି

ପୁରୀ ଶ୍ରୀମନ୍ଦିର ରତ୍ନଭଣ୍ଡାର ଗଣତିମଣତି ପୁଣିଥରେ ଆଜିଠାରୁ ଆରମ୍ଭ ହୋଇଛି। ରାଜ୍ୟ ସରକାରଙ୍କ ଅନୁମୋଦିତ ମାର୍ଗଦର୍ଶିକା ଅନୁଯାୟୀ ଦୁଇଦିନ ଧରି  ଗଣତିମଣତି ଚାଲିବ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି । ଏହି ପ୍ରକ୍ରିୟା ଜାରି ରହିଥିବାବେଳେ ଶ୍ରୀଜୀଉଙ୍କ ନୀତିକାନ୍ତି ଯଥାରୀତି ଜାରି ରହିବ । ତେବେ ଅପରାହ୍ନ ୪ଟାରୁ ସଂଧ୍ୟାଧୂପ

ଶେଷ ପର୍ଯ୍ୟନ୍ତ ଭିତର କାଠରୁ ଦର୍ଶନ ବନ୍ଦ ରହିବ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ମିଳିଛି। ସ୍ନାନଯାତ୍ରା ଓ ରଥଯାତ୍ରା ନେଇ ଭିତର ରତ୍ନଭଣ୍ଡାର ଅଳଙ୍କାର ଗଣତି ମଣତି କାର୍ଯ୍ୟ ବନ୍ଦ ରହିଥିବାବେଳେ ମହାପ୍ରଭୁଙ୍କ ୯ଗୋଟି ଦୁର୍ଲଭ ଶ୍ରୀଅଙ୍ଗ ଲାଗି ଅଳଙ୍କାର ଗଣତି ମଣତି କାର୍ଯ୍ୟକୁ ରଥଯାତ୍ରା ସମୟରେ କରାଯାଇଥିଲା। ସମସ୍ତ ଅଳଙ୍କାରର ଓଜନ ମାପପରେ ଥ୍ରୀ-ଡି ଓ ଭିଡିଓଗ୍ରାଫି ସହ ରତ୍ନ ବିଶାରଦମାନଙ୍କ ଦ୍ୱାରା ମୂଲ୍ୟବାନ ରତ୍ନଗୁଡ଼ିକର ଚିହ୍ନଟ କରାଯାଉଛି। ଗରୁଡ଼ ସ୍ତମ୍ଭ ନିକଟରେ ଥିବା ନାଟମଣ୍ଡପରେ ଆଜିଠାରୁ ବାତାନୁକୂଳିତ ବ୍ୟବସ୍ଥା ଆରମ୍ଭ କରାଯାଇଛି। ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ପାଇଁ ଏହା ଗୁରୁତ୍ୱପୂର୍ଣ୍ଣ ଥିଲା ବୋଲି ଶ୍ରୀମନ୍ଦିର ପ୍ରଶାସକ ଅରବିନ୍ଦ ପାଢ଼ି କହିଛନ୍ତି। **- V/O –**

Desk

## ଚାଉଳ ଏଟିଏମ୍

ଢେଙ୍କାନାଳ ଜିଲ୍ଲାରେ ଚାଉଳ ଏଟିଏମ୍‌କୁ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର ଉଦ୍‌ଘାଟନ କରିଛନ୍ତି। ଏହି ଏଟିଏମ୍‌ରେ ହିତାଧିକାରୀଙ୍କୁ ୨୪ ଘଣ୍ଟା ଚାଉଳ ଉପଲବ୍ଧ ହେବ। ଫିଙ୍ଗରପ୍ରିଣ୍ଟ ଓ କାର୍ଡ ନମ୍ବର ଦେଇ ହିତାଧିକାରୀମାନେ ଚାଉଳ ଉଠାଇପାରିବେ ବୋଲି ମନ୍ତ୍ରୀ ଶ୍ରୀ ପାତ୍ର କହିଛନ୍ତି। ଭୁବନେଶ୍ୱର ଓ ଝାରସୁଗୁଡ଼ା ପରେ ଢେଙ୍କାନାଳ ଜିଲ୍ଲାରେ ଏହା ତୃତୀୟ ଚାଉଳ ଏଟିଏମ୍ ଖୋଲାଯାଇଥିବା ଜଣାପଡ଼ିଛି। ଆଗାମୀ ଦିନରେ ପ୍ରତ୍ୟେକ ଜିଲ୍ଲାରେ ଏଭଳି ଏଟିଏମ୍ ଖୋଲିବା ନେଇ ମନ୍ତ୍ରୀ ଶ୍ରୀ ପାତ୍ର ସୂଚନା ଦେଇଛନ୍ତି।

Desk

## ସମେଟିଭ୍ ଆସେସମେଣ୍ଟ

ରାଜ୍ୟର ସମସ୍ତ ସରକାରୀ ଏବଂ ସରକାରୀ ଅନୁଦାନ ପ୍ରାପ୍ତ ସ୍କୁଲରେ ୨୦୨୬-୨୭ ଶିକ୍ଷା ବର୍ଷ ପାଇଁ ଆସନ୍ତା ମାସ ଚତୁର୍ଥ ସପ୍ତାହରେ ସମେଟିଭ୍ ଆସେସମେଣ୍ଟ-୧ ପରୀକ୍ଷା ଅନୁଷ୍ଠିତ ହେବ। ଶିଶୁବାଟିକା-୩ରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ସମସ୍ତ ବିଦ୍ୟାଳୟରେ ଏହି ପରୀକ୍ଷା କରାଯିବ। ସମେଟିଭ-୧ ପରୀକ୍ଷାକୁ ସଠିକ୍ ସମୟରେ ପରିଚାଳନା କରିବା ପାଇଁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ସମସ୍ତ ଜିଲ୍ଲା ଶିକ୍ଷା ଅଧିକାରୀମାନଙ୍କୁ ଚିଠି ମାଧ୍ୟମରେ ନିର୍ଦ୍ଦେଶ ଦିଆଯାଇଛି।

Rayagada

## ମା’ ମଝିଘରିଆଣୀ ଦାନହୁଣ୍ଡି

ରାୟଗଡ଼ା ଜିଲ୍ଲାର ଅଧିଷ୍ଠାତ୍ରୀ ମା’ ମଝିଘରିଆଣୀଙ୍କ ମନ୍ଦିରର ଦାନହୁଣ୍ଡି ଦୁଇ ମାସ ପରେ ସ୍ଥାନୀୟ ତହସିଲଦାରଙ୍କ ତତ୍ତ୍ୱାବଧାନରେ ପୁଲିସର କଡ଼ା ସୁରକ୍ଷା ମଧ୍ୟରେ ମନ୍ଦିର ପରିଚାଳନା କମିଟିର କର୍ମକର୍ତ୍ତାଙ୍କ ଉପସ୍ଥିତିରେ ଆଜି ୯ଟି ଦାନ ହୁଣ୍ଡି ଖୋଲାଯାଇ ଗଣତି ଆରମ୍ଭ କରାଯାଇଛି। ଗଣତିରେ ୨୫୦ ଜଣ ମହିଳା ସ୍ୱେଚ୍ଛାସେବୀ ନିୟୋଜିତ ଅଛନ୍ତି। ସନ୍ଧ୍ୟା ସୁଦ୍ଧା ଅର୍ଥର ସୂଚନା ମିଳିବ ବୋଲି ମନ୍ଦିର କମିଟି ପକ୍ଷରୁ କୁହାଯାଇଛି।

ଗତ ବର୍ଷ ହୁଣ୍ଡିରୁ ୧ କୋଟି ୨୬ ଲକ୍ଷ ୨୬ ହଜାର ୮୫୪ ଟଙ୍କା ମିଳିଥିଲା।

MET/HS

## ପାଣିପାଗ

ଉତ୍ତର ବଙ୍ଗୋପସାଗର, ସଂଲଗ୍ନ ପଶ୍ଚିମବଙ୍ଗ ଏବଂ ବାଂଲାଦେଶ ଉପକୂଳରେ ସୃଷ୍ଟ ସ୍ପଷ୍ଟ ଚିହ୍ନିତ ଲଘୁଚାପର ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଲାଗି ରହିଛି। ଏହା କ୍ରମଶଃ ପଶ୍ଚିମ-ଉତ୍ତର ପଶ୍ଚିମ ଦିଗକୁ ଗତି କରୁଛି । ଏହାର ପ୍ରଭାବରେ ଆସନ୍ତା ୨୪ଘଣ୍ଟା ମଧ୍ୟରେ ବାଲେଶ୍ୱର, କେନ୍ଦୁଝର, ମୟୂରଭଞ୍ଜ ଏବଂ ବରଗଡ ଜିଲ୍ଲାରେ ଅତିରୁ ଅତିପ୍ରବଳ ବର୍ଷା ହେବା ନେଇ ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି। ଆସନ୍ତା ୪୮ଘଣ୍ଟା ପର୍ଯ୍ୟନ୍ତ ରାଜ୍ୟର ପ୍ରାୟ ସମସ୍ତ ଅଞ୍ଚଳରେ ବର୍ଷାର ସମ୍ଭାବନା ରହିଛି । ବରଗଡ଼ ଜିଲ୍ଲାରେ ବର୍ଷାକୁ ଦୃଷ୍ଟିରେ ରଖି ସମସ୍ତ ବିଦ୍ୟାଳୟକୁ ବନ୍ଦ ରଖାଯାଇଛି। ସମ୍ଭାବ୍ୟ ବନ୍ୟା ପରିସ୍ଥିତି ଉପରେ ରାଜ୍ୟ ସରକାରଙ୍କ ପକ୍ଷରୁ କଡ଼ା ନଜର ରଖାଯାଇଛି । ବୈତରଣୀ, ବ୍ରାହ୍ମଣୀ, ସୁବର୍ଣ୍ଣରେଖା ଓ ବୁଢ଼ାବଳଙ୍ଗ ନଦୀ ଜଳସ୍ତର ବିପଦ ସଂକେତ ତଳେ ରହିଥିବା ଜଣାପଡ଼ିଛି । ଗତ ୨୪ ଘଣ୍ଟା ମଧ୍ୟରେ ସୁନ୍ଦରଗଡ଼ ଜିଲ୍ଲାର ଟେନ୍‌ସାରେ ସର୍ବାଧିକ ୧୬୨ ଦଶମିକ ୨ ମିଲିମିଟର ବର୍ଷା ରେକର୍ଡ କରାଯାଇଛି।

HS

## ଓଡ଼ିଶା ଟି-ଟ୍ୱେଣ୍ଟି

କଟକ ବାରବାଟୀ ଷ୍ଟାଡିୟମ୍‌ରେ ଆସନ୍ତା ମାସ ୨୦ ତାରିଖରୁ ଓଡ଼ିଶା ଟି-ଟ୍ୱେଣ୍ଟି କ୍ରିକେଟ ଲିଗ୍ ସି.ଏମ୍ ଟ୍ରଫିର ଦ୍ୱିତୀୟ ସଂସ୍କରଣ ଆରମ୍ଭ ହେବ। ଟୁର୍ଣ୍ଣାମେଣ୍ଟରେ ୬ଟି ଦଳ ଅଂଶଗ୍ରହଣ କରିବେ। ଏହି ଲିଗ୍ ଆସନ୍ତା ୨୯ ତାରିଖ ପର୍ଯ୍ୟନ୍ତ ଚାଲିବ। ଓଡ଼ିଶାରେ କ୍ରିକେଟ ଏବଂ କ୍ରୀଡ଼ାର ବିକାଶ ଓ

ପ୍ରୋତ୍ସାହନ ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଉଛି ।